# ପାହାଡ଼ରୁ ମୋରମ ଖନନକୁ ବିରୋଧ

ରାୟଗଡ଼ା,୨୯।୧(ଆଶିଷ ରଞ୍ଜନ ପଣ୍ଡା)


ମୋରମ ପାଇଁ ଖୋଳାଯାଇଥିବା ପାହାଡ଼ର ଅଂଶ।

**ପାହାଡ଼ରେ ଲଗାଯାଇଥିବା ୫୦୦୦ ଚାରା ନଷ୍ଟ ହେବା ଆଶଙ୍କା**

ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତ ଅନ୍ତର୍ଗତ ବାରିଖୋଲା ଗ୍ରାମସ୍ଥିତ ପଦ୍ମାବତୀ ହରିକୁପା ପାହାଡ଼ରୁ ଚାଲିଛି ମୋରମ ଖନନ । ତେବେ ମୋରମ ଖନନ ଯୋଗୁ ପାହାଡ଼ରେ ଥିବା ବୃକ୍ଷଲତା ନଷ୍ଟହେବା ଆଶଙ୍କା ଦେଖାଦେଇଛି । ଏଥିସହ ଉକ୍ତ ପାହାଡ଼ରେ ଅଞ୍ଚଳର ବାରିଖୋଲା, ଆମ୍ବଗୁଡ଼ା, ଶିରିଗୁଡ଼ାର ଆଦିବାସୀମାନେ ପୂର୍ବ ପୁରୁଷରୁ ପୂଜା କରିଆସୁଛନ୍ତି। ସେମାନଙ୍କର ସ୍ମୃତି ସହିତ ବିଭିନ୍ନ କିମ୍ବଦନ୍ତୀ ରହିଥିବା ଅଞ୍ଚଳବାସୀ କହିଛନ୍ତି। ଏଥିସହ ଉକ୍ତ ପାହାଡ଼ରେ ଏବେ ଏକ ହନୁମାନ ମନ୍ଦିର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଗୁରୁବାର ଉକ୍ତ ପାହାଡର ତଳ ଭାଗରୁ ଜେସିବି ମେଶିନ ସାହାଯ୍ୟରେ ମୋରମ ମାଟି ଖୋଳାଯାଉଥିବାବେଳେ ବାରିଖୋଲା ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ତେବେ ମୋରମ ଖୋଲୁଥିବା ଜେସିବି ମେଶିନ ଚାଳକଙ୍କୁ ଗ୍ରାମବାସୀ ପଚାରିବାରୁ ତହସିଲଦାରଙ୍କ ନିର୍ଦ୍ଦେଶରେ ଏହା ଖୋଳାଯାଉଥିବା କହିଥିଲେ । ଏ ନେଇ ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ପଚାରିବାରୁ ମୁଖ୍ୟମନ୍ତ୍ରୀଙ୍କ ରାୟଗଡା ଗସ୍ତ ସମୟରେ ବ୍ୟବହାର ହେଉଥିବା ଏକ ରାସ୍ତାରେ ଖାଲଖମା ରହିଛି। ସେଠାରେ ମୋରମ ପକାଇ ରାସ୍ତା ସମତଳ କରିବାକୁ ପୂର୍ତ୍ତ ବିଭାଗ କହିବାରୁ ଅନୁମତି ଦିଆଯାଇଛି ବୋଲି ସେ କହିଛନ୍ତି।

ଏଭଳିକି ଉକ୍ତ ପାହାଡ଼ରେ ୨୦୨୫ ଜୁଲାଇରେ ରାୟଗଡ଼ା ବନାଞ୍ଚଳ ପକ୍ଷରୁ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ତତ୍କାଳୀନ ଜିଲାପାଳ, ଏସ୍‌ପି ସ୍ୱାଥି ଏସ୍.କୁମାର, ଡିଏଫ୍‌ଓ ସଚିନ ଆନ୍ନାସାହେବ ଓହୋଲେ ଓ ଅନ୍ୟ ଅଧିକାରୀଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧି, ଗ୍ରାମବାସୀଙ୍କ ଉପସ୍ଥିତିରେ ସେଠାରେ ୫ ହଜାର ଚାରା ରୋପଣ କରାଯାଇଥିଲା । ପାହାଡ଼ରୁ ଏବେ ମୋରମ ଖନନ ଯୋଗୁ ପାହାଡ ତଳଭାଗ ଦୁର୍ବଳ ହେଲେ ଆଗାମୀ ଦିନରେ ମାଟି ଅତଡା ଖସିବା ବହୁ ସମ୍ଭାବନା ରହିଥିବା ବେଳେ ଲଗାଯାଇଥିବା ଚାରାଗୁଡିକ ତଳକୁ ଗଳି ପଡିବା ଆଶଙ୍କା କରାଯାଇଛି। ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ୫ହଜାର ଚାରାରୋପଣ ହୋଇଥିବା ପାହାଡକୁ ଖୋଳି ପ୍ରଶାସନ ମୋରମ ମାଟି ନେଉଥିବା ଜାଣିବା ପରେ ସ୍ଥାନୀୟ ବାସିନ୍ଦା ମଧୁ କାଡ୍ରାକା, ନାଗେଶରାଓ ବିଡିକା, ସାଲୁ ବିଡିକା, ସନ୍ତୋଷ କୁମାର ପଣ୍ଡା, ନାଏବ ସରପଞ୍ଚ ଫୁଲ ବିଡିକା, ଦାମ ମହାନନ୍ଦିଆ ଓ ଅନ୍ୟମାନେ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ବନ ବିଭାଗ ପକ୍ଷରୁ ଚାରା ରୋପଣ ହୋଇଥିବାବେଳେ ପାହାଡ଼ରୁ ମୋରମ ଖନନ ପାଇଁ ବନ ବିଭାଗଠାରୁ କୌଣସି ଅନୁମତି ନିଆ ଯାଇ ନ ଥିବା ରାୟଗଡ଼ା ରେଞ୍ଜର କାମେଶ୍ୱର ଆଚାରୀ କହିଛନ୍ତି ।

# ୨ରୁ ସୁଭଦ୍ରା ଶକ୍ତି ମେଳା

ରାୟଗଡ଼ା,୨୯।୧(ଆଶିଷ ରଞ୍ଜନ ପଣ୍ଡା)

**ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ**

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ଭାବେ ସଶକ୍ତ କରି ତାଙ୍କୁ ଆତ୍ମନିର୍ଭର ମାର୍ଗରେ ଆଗେଇ ନେବା ଉଦ୍ଦେଶ୍ୟରେ ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯାଉଛି। ଏହି ମେଳା ଫେବୃଆରୀ ୨ ରୁ ୮ ପର୍ଯ୍ୟନ୍ତ ଆୟୋଜିତ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦାନ କରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ମେଳାରେ ରାୟଗଡ଼ା ଜିଲା ସହିତ ରାଜ୍ୟର ଅନ୍ୟ ଜିଲାରୁ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟୋଗୀମାନେ ଅଂଶଗ୍ରହଣ କରିବେ। ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, ହ୍ୟାଣ୍ଡଲୁମ ବସ୍ତ୍ର, ପାରମ୍ପରିକ ଓ ପୌଷ୍ଟିକ ଖାଦ୍ୟ ପଦାର୍ଥ, ଘରୋଇ ଉତ୍ପାଦନ ସାମଗ୍ରୀ, ମିଲେଟ ଭିତ୍ତିକ ଉତ୍ପାଦ, ସ୍ଥାନୀୟ କଳାକୃତି ଓ ଅନ୍ୟାନ୍ୟ ସାମଗ୍ରୀ ଏହି ମେଳାରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ ବୋଲି ସୂଚନା ମିଳିଛି। ଏହି ମେଳା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ ଓ ମହିଳା ସଶକ୍ତିକରଣ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ସହିତ ୧୦୮ କୁଣ୍ଡୀୟ ଗାୟତ୍ରୀ ଯଜ୍ଞରେ ଯୋଗଦାନ କରିବେ ବୋଲି ଜଣାପଡ଼ିଛି। ୨ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହେଉଛି। ଏଥିପାଇଁ ଜିଲା ପ୍ରଶାସନ ଓ ଯଜ୍ଞ ଆୟୋଜନ କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ପୋଲିସ ମଧ୍ୟ ସୁରକ୍ଷା ବନ୍ଦୋବସ୍ତ କରୁଛି।

# ରାଜେନ୍ଦ୍ର କଂଗ୍ରେସର କାଶୀପୁର ବ୍ଲକ୍ ସଭାପତି

ଟିକିରି, ୨୯।୧
(ପ୍ରଫୁଲ୍ଲ କୁମାର ବେହେରା)


ରାଜେନ୍ଦ୍ର ଦୁରିଆ।

କାଶୀପୁର ବ୍ଲକର କଂଗ୍ରେସ ନୂତନ ସଭାପତି ଭାବେ ରାଜେନ୍ଦ୍ର ଦୁରିଆଙ୍କୁ ନିଯୁକ୍ତ କରାଯାଇଛି। ରାଜେନ୍ଦ୍ର ଦୀର୍ଘଦିନ ଧରି କଂଗ୍ରେସ ସହ ଜଡ଼ିତ ରହି ଦଳ ପାଇଁ ନିଷ୍ଠାର ସହିତ କାମ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ କାଶୀପୁର ବ୍ଲକରେ ସଂଗଠନକୁ ଅଧିକ ଶକ୍ତିଶାଳୀ କରାଯିବ ବୋଲି ସେ କହିଛନ୍ତି। କଂଗ୍ରେସର ଆଦର୍ଶ ଓ ନୀତିକୁ ଗ୍ରାମ ସ୍ତରରେ ପହଞ୍ଚାଇବା ମୋର ପ୍ରଥମ ଲକ୍ଷ୍ୟ। କର୍ମୀମାନଙ୍କୁ ସାଙ୍ଗରେ ନେଇ ଦଳକୁ ମଜଭୁତ କରିବେ ଏବଂ ଲୋକଙ୍କ ଅଧିକାର ପାଇଁ ସଂଘର୍ଷ କରିବେ ବୋଲି ସେ କହିଛନ୍ତି। କାଶୀପୁର ବ୍ଲକ୍‌ର ନୂତନ ସଭାପତି ଭାବେ ଦାୟିତ୍ୱ ଦେଇଥିବାରୁ ପିସିସି ସଭାପତି ଭକ୍ତ ଚରଣ ଦାସ, କୋରାପୁଟ ଏମ୍‌ପି ସପ୍ତଗିରି ଉଲକା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଏବଂ ପୂର୍ବତନ ଜିଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ତାଙ୍କ ନିଯୁକ୍ତି ପରେ କାଶୀପୁର ବ୍ଲକ କଂଗ୍ରେସ କର୍ମୀ ଖୁସି ବ୍ୟକ୍ତକରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ଦିନରେ କାଶୀପୁରରେ କଂଗ୍ରେସର ସଂଗଠନ ଆହୁରି ସକ୍ରିୟ ହେବ ବୋଲି ଆଶା କରାଯାଉଛି।

# ଭୀଷ୍ମ ଏକାଦଶୀରେ ଅଷ୍ଟପ୍ରହର ନାମଯଜ୍ଞ

ଗୁଣପୁର,୨୯।୧
( ସୁଜାତା ପାଢ଼ୀ/ସଂକେତ ପାତ୍ର)

ମାଘ ମାସର ଭୀଷ୍ମ ବଡ ଏକାଦଶୀ ଉପଲକ୍ଷେ ଗୁରୁବାର ଗୁଣପୁର କୋର୍ଟ ଛକରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ସଙ୍କୀର୍ତ୍ତନ ଦଳ ଭାଗନେଇ ହରେ କୃଷ୍ଣ ହରେ ରାମ ସଙ୍କୀର୍ତ୍ତନ କରିଥିଲେ। ଫଳରେ ଗୁଣପୁର ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ପରିଚଳନା କମିଟି ପକ୍ଷରୁ ଅନ୍ନଯଜ୍ଞ ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସେହିପରି ଗୁଣୁପୁର ସରକାରୀ ବାଳିକା ବିଦ୍ୟାଳୟ ନିକଟ ତ୍ରିନାଥ ମନ୍ଦିରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ଗୁଣୁପୁରସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ମନ୍ଦିରରେ ସକାଳ ୬ଟା ସମୟରେ ହୋମଯଜ୍ଞ ହୋଇଥିଲା। ଭୀଷ୍ମ ଏକାଦଶୀ ଅବସରରେ ଶ୍ରୀ ବିଷ୍ଣୁ ସହସ୍ରନାମ ପାଠ, ନାମସଂକୀର୍ତ୍ତନ ଓ ଯଜ୍ଞ ମାଧ୍ୟମରେ ଧର୍ମ, ଶାନ୍ତି ଓ ମାନବ କଲ୍ୟାଣର ବାର୍ତ୍ତା ଗୁଣୁପୁର ସହରରେ ପ୍ରସାରିତ ହୋଇଥିବା ଦେଖିବାକୁ ମିଳିଛି।

# ୧୦୩ ଜଣିଆ କମିଟି ଗଠନକଲେ ଜିଲା ସଭାପତି କାଡ୍ରାକା

ରାୟଗଡ଼ା,୨୯।୧(ଆଶିଷ ରଞ୍ଜନ ପଣ୍ଡା)

**ଘୋଷଣାହେଲା ଜିଲା କଂଗ୍ରେସ କମିଟି**

ରାୟଗଡ଼ା ଜିଲା କଂଗ୍ରେସ ସଭାପତି ତଥା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସଭାପତିତ୍ୱରେ ନୂତନ ଜିଲା କଂଗ୍ରେସ କମିଟି ଗଠନ ହୋଇଛି । ଜିଲା ସଭାପତି ଆପଲସ୍ୱାମୀ ବିଭିନ୍ନ ପଦପଦବୀ ପାଇଁ ନାମ ଚୟନକରି ଏକ ତାଲିକା ପ୍ରଦେଶ କଂଗ୍ରେସ କମିଟିକୁ ପଠାଇଥିଲେ, ଯାହା ବୁଧବାର ଅନୁମୋଦିତ ହୋଇ ପ୍ରକାଶ ପାଇଛି। ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସ ଦଳ ପକ୍ଷରୁ ଆପଲସ୍ୱାମୀ କାଡ୍ରାକାଙ୍କୁ ଜିଲା ସଭାପତିର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି । ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆପଲସ୍ୱାମୀ ଏକ ୧୦୩ ଜଣିଆ ଟିମ୍ ଗଠନ କରିଛନ୍ତି।

ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ରହିଥିବା ବେଳେ ରାୟଗଡ଼ା ଜିଲାରେ ୩ଟି ବିଧାନସଭା ଆସନ କଂଗ୍ରେସ ଦଖଲରେ ରହିଛି । ତେବେ ଜିଲାର ୨୨ଟି ଜିଲା ପରିଷଦ ଆସନ ମଧ୍ୟରୁ ୧୪ଟି ବିଜେଡି ଦଖଲରେ ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ଜିଲା ପରିଷଦ ଆସନ ଦଖଲ ସହ ପଞ୍ଚାୟତ ସମିତି ମଧ୍ୟ ଦଖଲ କରିବାକୁ ଦୃଷ୍ଟିରେ ରଖି ଜିଲା ସଭାପତି କାଡ୍ରାକା ଏହି କମିଟି ଗଠନ କରିଥାଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ୍ୟ ଦଳକୁ ମଜଭୁତ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଜିଲା କଂଗ୍ରେସ କମିଟିରେ ବରିଷ୍ଠ କଂଗ୍ରେସ ନେତା ତଥା ଜିଲା କଂଗ୍ରେସ ପୂର୍ବତନ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ଉପଦେଷ୍ଟା ରଖାଯାଇଥିବା ବେଳେ ୭ ଜଣଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି । ବରିଷ୍ଠ କଂଗ୍ରେସ ନେତା ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ପଣ୍ଡା, ତରଣୀସେନ ଶତପଥୀ, ରାମକୃଷ୍ଣ ପାଣିଗ୍ରାହୀ, ଦାଶରଥି ନାୟକ ଓ ପଦ୍ମାବତୀ ମାଣ୍ଡାଙ୍ଗି ପ୍ରମୁଖ ଉପସଭାପତି ଭାବେ ଚୟନ ହୋଇଛନ୍ତି। ଏହାବ୍ୟତୀତ ପାର୍ଥ ବର୍ଦ୍ଧନ ଓ ଆର୍.ହରିଶ ପଟ୍ଟନାୟକଙ୍କ ସମେତ ମୋଟ ୧୭ ଜଣ ସାଧାରଣ ସମ୍ପାଦକ ରହିଛନ୍ତି । ସେହିଭଳି ୪୫ ଜଣ ଜିଲା ସମ୍ପାଦକ ରହିଛନ୍ତି । ଏହାବ୍ୟତୀତ ସ୍ୱତନ୍ତ୍ର ଆମନ୍ତ୍ରିତ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ବିଧାୟକ ନୀଳମାଧବ ହିକକା ଓ ସତ୍ୟଜିତ ଗମାଙ୍ଗଙ୍କ ସମେତ ୩୩ ଜଣ ବରିଷ୍ଠ ଓ ଆଗଧାଡ଼ିର ନେତା ରହିଛନ୍ତି।

# କାମ ସରିବାର ୬ ମାସ ପୂରିନି, ରାସ୍ତାରୁ ଉଠିଗଲାଣି ପିଚୁ


ଭାଜପା ନେତା ଓ ପୌର ପରିଷଦ ଅଧିକାରୀ ରାସ୍ତା ନିରୀକ୍ଷଣ କରୁଛନ୍ତି।

ଗୁଣପୁର, ୨୯।୧ (ସଂକେତ ପାତ୍ର)

ଗୁଣପୁର ପୌର ପରିଷଦ ଅନ୍ତର୍ଗତ ୧ ନମ୍ବର ୱାର୍ଡର ବୃନ୍ଦାବତୀ ନଗର ଲେନ ୨ ଅଞ୍ଚଳରେ ପୌର ପରିଷଦ ଦ୍ୱାରା ନିର୍ମିତ ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଗୁଣପୁର ପୌର ପରିଷଦ ପକ୍ଷରୁ ୨୦୨୪-୨୫ ଅନୁଦାନରେ ପ୍ରାୟ ୮ ଲକ୍ଷ ଟଙ୍କା ବ୍ୟୟରେ ୨୩.୫.୨୦୨୫ରେ ରାସ୍ତା କାମ ଆରମ୍ଭ ହୋଇ ୨୨.୭.୨୦୨୫ରେ ଶେଷ ହୋଇଥିଲା। କିନ୍ତୁ କାମ ସରିବାର ୬ ମାସ ପୂରିନି ରାସ୍ତା ଉପରୁ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ପୌର ପରିଷଦ ନିରୀକ୍ଷଣ ଓ ଠିକାଦାରଙ୍କ କାର୍ଯ୍ୟଶୈଳୀ ଉପରେ ସନ୍ଦେହ ସୃଷ୍ଟି କରୁଛି। ଏ ନେଇ ଗୁଣପୁର ଭାଜପା ନଗର ସଭାପତି ଜୟଦେବ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପୌର ପରିଷଦ ଅଧିକାରୀଙ୍କୁ ଡାକି ଏପରି ନିମ୍ନମାନର କାମ କାହିଁକି କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଗୁଣପୁର ସହରର ସମସ୍ତ ୱାର୍ଡରେ ରାସ୍ତା, ଡ୍ରେନ, ଡ୍ରେନେଜ ଘୋଡ଼ଣି ଢାଙ୍କିବା ସହ ସହରକୁ ସବୁଜ, ସୁନ୍ଦର ଓ ଅଳିଆ ଆବର୍ଜନାମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ସେ କହିଥିଲେ। ଏ ନେଇ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କଠାରୁ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ନ ଦେଇ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଛି।

# ପଞ୍ଚ ପରିବର୍ତ୍ତନ ନାଟକ ମଞ୍ଚସ୍ଥ

ଗୁଣପୁର,୨୯। ୧( ସୁଜାତା ପାଢ଼ୀ)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ**

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଅବସରରେ ସାମାଜିକ ନାଟକ 'ପଞ୍ଚ ପରିବର୍ତ୍ତନ' ପିଲାଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଓ ଦୁର୍ଗା ପ୍ରସାଦ ସୁଆରଙ୍କ ନିର୍ଦ୍ଦେଶନାରେ ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ସମ୍ପାଦକ ଡ. ସରୋଜ କୁମାର ହାତୀ, ମୁଖ୍ୟ ଅତିଥି ଭାବେ ଆଇଟିଡିଏ ପିଏ ଅଜୟ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ପୌର ଅଧ୍ୟକ୍ଷା ମମତା ଗୌଡ ଯୋଗଦେଇଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ନିମନ୍ତେ ୧୦ଲକ୍ଷ ଟଙ୍କା ବ୍ୟୟରେ ଲାଇବ୍ରେରୀ ନିର୍ମାଣ କରିବାକୁ ଅଧକ୍ଷା ଗୌଡ ଅନୁଦାନ ରାଶି ଘୋଷଣା କରିଥିଲେ। ଅନୁଷ୍ଠାନର ପରିଚାଳନା ସମିତିର ସଭାପତି ବି. ଗଜପତି ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସୋମନାଥ ଗୌଡ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ଶଶି ଭୂଷଣ ମହାନ୍ତି, ମୋହନ ସାହୁ, ଗୋପୀନାଥ ଶତପଥୀ, ବି ଲକ୍ଷ୍ମୀ ନାରାୟଣ, ଜିଲା ସଂଘ ଚାଳକ ନନ୍ଦୀ କିଶୋର ଚୌଧୁରୀ, ଦିଲୀପ କୁମାର ପଣ୍ଡା, ସାରଙ୍ଗ ନାଗବଂଶ, ଗଣେଶ ଶତପଥୀଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଠିକାଦାରଙ୍କ ସ୍ୱତନ୍ତ୍ର ବୈଠକ


ବୈଠକରେ ଉପସ୍ଥିତ ଠିକାଦାରମାନେ।

ଗୁଣପୁର,୨୯।୧(ସଂକେତ ପାତ୍ର)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ତରୀୟ ଠିକାଦାରଙ୍କ ଏକ ସତନ୍ତ୍ର ବୈଠକ ସେଫାଳି ପାହାଡ ନିକଟ ଗଣେଶ-ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଅଞ୍ଚଳରୁ ଖ, ଗ, ଘ ବର୍ଗର ଲାଇସେନ୍ସ ପ୍ରାପ୍ତ ଠିକାଦାରମାନେ ଯୋଗଦେଇ ଏକ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ସରକାରୀ ସଂସ୍ଥା ଓ ଇଂଜିନିୟରିଂ ବିଭାଗରେ ନିର୍ଦ୍ଧାରିତ ଟେଣ୍ଡର ସେଡ୍ୟୁଲ ମୂଲ୍ୟ ଅନୁସାରେ ଠିକାଦାରମାନେ ଟେଣ୍ଡର ପକାଇବେ ଏବଂ ଲଟ୍ରି ମାଧ୍ୟମରେ ଠିକାଦାର ଚୟନ କରାଯିବ। ଆଉ କୌଣସି ଠିକାଦାର ଲେସ୍‌ରେ ଟେଣ୍ଡ ପକାଇବେ ନାହିଁ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହାକୁ କେହି ଅମାନ୍ୟ କଲେ ବିରୋଧ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଠିକାଦାର ସଂଘର ଏହି ନିଷ୍ପତ୍ତି ପ୍ରସଙ୍ଗରେ ପ୍ରତି ବ୍ଲକ୍‌ସ୍ତରରେ ଓ ପୌରାଞ୍ଚଳ ସ୍ତରରେ ସମସ୍ତ ଠିକାଦାରଙ୍କୁ ସଚେତନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଶେଷରେ ଗୁଣପୁର ଉପଖଣ୍ଡ ସ୍ତରୀୟ ଠିକାଦାର ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଂଗ୍ରାମ କେଶରୀ ସାହୁ ସଭାପତି, ନିରାକାର ଶବର ସମ୍ପାଦକ, ରାମ ଚନ୍ଦ୍ର ପଣ୍ଡା ସହ ସମ୍ପାଦକ ଏବଂ ରାଧା ମୋହନ ପାଣିଗ୍ରାହୀଙ୍କ କୋଷାଧ୍ୟକ୍ଷ ରୂପେ ମନୋନୀତ କରାଯାଇଥିଲା।

# ଲକ୍ଷ୍ୟପ୍ରାପ୍ତି ପାଇଁ ନିଷ୍ଠା, ଅକ୍ଳାନ୍ତ ପରିଶ୍ରମ ଦରକାର

ବିଷମ କଟକ,୨୯।୧ (ପ୍ରସନ୍ନ କୁମାର ପଣ୍ଡା)

**ଡୁକୁମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ରାୟଗଡ଼ା ଜିଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଡୁକୁମ ସଦର ପଞ୍ଚାୟତର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଡୁକୁମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସେମ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡି, ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ସାସମାଲ, ଡୁକୁମ ସରପଞ୍ଚ ଜୟନ୍ତୀ ସାରକା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ ଛାତ୍ରୀଙ୍କୁ ଦୈନନ୍ଦିନ ଜୀବନରେ କର୍ମଠ, ବିଦ୍ୟା ପ୍ରତି ମନୋଜ୍ଞ,ଦାୟିତ୍ୱରେ କର୍ତ୍ତବ୍ୟନିଷ୍ଠ, ଗୁରୁ ଗୁରୁଜନଙ୍କ ପ୍ରତି ଆଜ୍ଞାଧୀନ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱତନ୍ତ୍ର ଅତିଥି ରେଡି ମଧ୍ୟ ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ ଜୀବନ, ଭଲ ମଣିଷ ହେବାର ସ୍ୱପ୍ନକୁ ଚରିତାର୍ଥ କରିବା ସହ ନିଜର ଲକ୍ଷ୍ୟପ୍ରାପ୍ତି ନିମନ୍ତେ ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ଅତିଥି ମାନପତ୍ର, ଫଳକ ଦେଇ ପୁରସ୍କୃତ କରିଥିଲେ।

ସେହିପରି ବିଷମକଟକ ବ୍ଲକ ଅନ୍ତର୍ଗତ ଗତିଗୁଡା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁମଣୀ ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନକ୍ଷେତ୍ରରେ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଦାବିପତ୍ର

ଟିକିରି,୨୯।୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ କୌଣସି ବୈଧ ପରିଚୟପତ୍ର ଓ ନାଗରିକତା ପ୍ରମାଣପତ୍ର ବିନା ବହୁ ସଂଖ୍ୟାରେ ବେଆଇନ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ବସବାସ କରୁଛନ୍ତି। ପୋଲିସ ପ୍ରଶାସନ ତୁରନ୍ତ ସେମାନଙ୍କୁ ଚିହ୍ନ ଟ କରି ଜିଲାର ବାହାର କରିବକୁ କାଶୀପୁର ବ୍ଲକ ଟିକିରି ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଦଳ ପକ୍ଷରୁ କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଥାନା ଭରପ୍ରାପ୍ତ ଅଧିକାରୀଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛ, ଟିକିରି ଅଞ୍ଚଳ ସହ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ବାଲାଂଦେଶୀମାନେ ରହୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ମଧ୍ୟ ଆଶଙ୍କା ବଢୁଛି। ପୂର୍ବରୁ ଏହି ସମସ୍ୟା ସମ୍ପର୍କରେ ରାୟଗଡ଼ା ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଦୁଃଖଦାୟକ ବୋଲି କୁହାଯାଇଛି। ଏଣୁ ବଜରଙ୍ଗ ଦଳ ପକ୍ଷରୁ ତୁରନ୍ତ ଏକ ମାମଲା ରୁଜୁ କରି ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ବଜରଙ୍ଗ ଦଳ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଟିକିରି ବଜରଙ୍ଗ ଦଳ ସଂଯୋଜକ ସୂର୍ଯ୍ୟନାରାୟଣ ନାଏକ, ସହ-ସଂଯୋଜକ ପିୟାଂଶୁ ପ୍ରଧାନୀ, ମିଳନ କେନ୍ଦ୍ର ପ୍ରମୁଖ ସଞ୍ଜୟ ବେହେରା, ସୁରକ୍ଷା ପ୍ରମୁଖ ବୈକୁଣ୍ଠ ଦୁରିଆ, ଗୋ ସୁରକ୍ଷା ପ୍ରମୁଖ ରାମଚନ୍ଦ୍ର ସାହୁ, ବଳ ଉପାସନା ପ୍ରମୁଖ ସୁନୀଲ କୁମାର ବେହେରା,ବିଦ୍ୟାର୍ଥ ପ୍ରମୁଖ ସମର ନାଥ ପଣ୍ଡା ସମେତ ଅନ୍ୟନ୍ୟା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


ବଜରଙ୍ଗ ଦଳ କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ନିଶା କାରବାର ବନ୍ଦ, ଧନ ଜୀବନ ରକ୍ଷା ଲକ୍ଷ୍ୟ

## କୁହୁଡ଼ି ପଞ୍ଚାୟତକୁ ନିଶାମୁକ୍ତ କରିବାକୁ ଅଣ୍ଟାଭିଡ଼ିଲେ ମହିଳା

ଚନ୍ଦାହାଣ୍ଡି, ୨୯।୧ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ପୁଣି ନିଶାମୁକ୍ତି ଆନ୍ଦୋଳନ ଜୋରଦାର ହୋଇଛି। ବ୍ଲକର କୁହୁଡ଼ି ପଞ୍ଚାୟତ ଅଧୀନ ସଦର, କୁଆମ୍ବା, ଉହିମାଲ, ମଥୁରାପଡ଼ା ଓ ଧୁମାକୋଟ ଗ୍ରାମବାସୀ ଓ ଗାଁର ମହିଳା ସଙ୍ଗଠନ ସଦସ୍ୟମାନେ ଏକାଠି ହୋଇ ଗୁରୁବାର ବୈଠକ କରିଥିଲେ। ମହିଳାଙ୍କ ଉପରେ ବଢ଼ି ଚାଲିଥିବା ଘରୋଇ ହିଂସା, ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ, ଛୋଟରୁ ବୟସ୍କ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ ନିଶାକବଳରୁ ରକ୍ଷା କରି ଧନଜୀବନ ରକ୍ଷା ବୈଠକର ଲକ୍ଷ୍ୟ ବୋଲି କୁହାଯାଇଛି। ଗାଁରେ ବେଆଇନ ଭାବେ କୋଟିଆଙ୍କ ଦ୍ୱାରା ବିକ୍ରି କରାଯାଉଥିବା ମଦ ଓ ଗଞ୍ଜେଇ କାରବାର ବନ୍ଦ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ବେଆଇନ ଭାବେ ମଦ ବିକ୍ରି କରୁଥିବା କୋଟିଆ ଓ ଗଞ୍ଜେଇ ବିକାଳୀଙ୍କୁ ଡାକି ସେ ସବୁ ବନ୍ଦ କରିବାକୁ ତାଗିଦ କରିଥିଲେ। ଏହା ସହ କେତେଜଣ ମଦ କୋଟିଆଙ୍କଠାରୁ ଦେଶୀ ମଦ, ମହୁଲ ପୋଚ, ମଦ ପ୍ରସ୍ତୁତି ପାଇଁ ବ୍ୟବହାର ସାମଗ୍ରୀ ଜବତ ସହ ତାହାକୁ ନଷ୍ଟ କରିଥିଲେ। ମାଲଗାଁ ଓ ଚନ୍ଦାହାଣ୍ଡି ଲାଇସେନ୍ସପ୍ରାପ୍ତ ମଦ ଭାଟିକୁ ବେଆଇନ ଭାବେ ମଦ କାରବାର କରୁଥିବା କୋଟିଆଙ୍କୁ ସେ ସବୁ ନ ଦେବାକୁ ଦାବିପତ୍ର ଦିଆଯିବ। ଆଗାମୀ ଦିନରେ କୋଟିଆମାନେ ଯଦି ଗାଁରେ ମଦ ବିକ୍ରୀ କରନ୍ତି ତା ହାଲେ ମଦ ଭାଟି ଘେରାଉ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ଚନ୍ଦାହାଣ୍ଡି ଥାନାକୁ ଏ ସମ୍ପର୍କରେ ସୂଚନା ଦେବାପରେ ପୋଲିସର ଏକ ଟିମ କୁହୁଡ଼ି ଯାଇ ଗ୍ରାମବାସୀ ଓ ମହିଳା ସଙ୍ଗଠନ ସହ ଆଲୋଚନା କରିଥିଲା। ଏତାଦୃଶ୍ୟ କାର୍ଯ୍ୟକୁ ପୋଲିସ ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ଏହି ନିଶା ମୁକ୍ତି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନରେ କୁହୁଡ଼ି ସରପଞ୍ଚ ଉଜଳା ଦେଇ ମାଝୀ, ନାଏବ ସରପଞ୍ଚ ଶରତ ମାଝୀ, ନାରୀ ସଂଘ ସଭାପତି ଅମ୍ବିକା ମାଝୀ, ସମ୍ପାଦିକା ଉଜଳା ମାଝୀ, ସୁଶୀଳା ମାଝୀ, ମନ୍ତରା ମାଝୀ, ପାର ମାଝୀ, ଦୁର୍ମିଳା ମାଝୀ, ରତ୍ନେ ମାଝୀ, ଗୋମତୀ ମାଝୀ, ଗଜେନ୍ଦ୍ର ମାଝୀ, ସୁଦନ ଗୌଡ଼, ସଦନ ମାଝୀ, ବାସୁ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।


ନିଶା ମୁକ୍ତି ଅଭିଯାନରେ ସାମିଲ ଗ୍ରାମବାସୀ ଓ ମହିଳା ସଂଘ ସଦସ୍ୟମାନେ।

# ଆର୍ଥିକ, ଡିଜିଟାଲ ସାକ୍ଷରତା ସଚେତନତା ଶିବିର



ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର, ୨୯।୧ (ସଦାଶିବ ପ୍ରହରାଜ)

ଅଗ୍ରଣୀ ବ୍ୟାଙ୍କ ଓ ଏଫ୍‌ଏଲ୍‌ସିସି ନବରଙ୍ଗପୁର ପକ୍ଷରୁ ବାଳିକା ସ୍ନାତକ ମହାବିଦ୍ୟାଳୟ ଓ କୋଷାଗୁମୁଡା ବ୍ଲକ ଅଧୀନ ସନ୍ତୋଷପୁରରେ ଆର୍ଥିକ ଓ ଡିଜିଟାଲ ସାକ୍ଷରତା ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଆର୍‌ବିଆଇ ନିର୍ଦ୍ଦେଶ ମୁତାବକ ଅଗ୍ରଣୀ ବ୍ୟାଙ୍କ, ନାବାର୍ଡ, କୋଷାଗୁମୁଡା ଏସ୍‌ବିଆଇ ଓ ଧାନଫାଉଣ୍ଡେସନ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ଖାତା ଖୋଲିବା, ନିଷ୍କ୍ରିୟ ହୋଇଥିବା ଖାତାର ପୁନଃ ପ୍ରମାଣିକରଣ, ଆର୍ଥିକ ଯୋଜନା ପ୍ରସ୍ତୁତି ସହ ସଞ୍ଚୟ ଓ କିପରି ନିବେଶ ହେବ ସେ ନେଇ ଆଲୋଚନା ହୋଇଛି। କେନ୍ଦ୍ର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାର୍ଷିକ ୪୩୬ ଟଙ୍କାରେ ୨ ଲକ୍ଷ ଟଙ୍କା ଆର୍ଥିକ ରାଶି ବୟସ ସୀମା ୧୮ରୁ ୫୦, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଦୁର୍ଘଟଣା ଜନିତ ବୀମା ରାଶି ବାର୍ଷିକ ୨୦ ଟଙ୍କାରେ ୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ବୟସ ସୀମା ୧୮ରୁ ୭୦ ବର୍ଷ, ଅଟଳ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଂ,ବିଭିନ୍ନ ପ୍ରକାର ଠକେଇ, ଋଣ ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା ହୋଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଏଫ୍‌ଏଲ୍‌ସି ନିର୍ଦ୍ଦେଶକ ବିମଳ କିଶୋର ମହାନ୍ତି, ମୁଖ୍ୟ ଅଗ୍ରଣୀ ଜିଲା ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା, ଏଫ୍‌ଏଲ୍‌ସି ତନ୍ମୟ ଦାସ, କୋଷାଗୁମୁଡା ଏସ୍‌ବିଆଇ ଶାଖା ପରିଚାଳକ ନୂତନ ପାଢ଼ୀ, ସ୍ଥାନୀୟ ସରପଞ୍ଚ ରାଧା ମାଝୀ, ଧାନ ଫାଉଣ୍ଡେସନ ସିଏଫଏଲ କୋଅର୍ଡିନେଟର, କଲେଜ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀ, ଆସୋସିଏଟ ଶାନ୍ତନୁ ଚାନ୍ଦ, ସ୍ଥାନୀୟ ସିଏସ୍‌ପି କର୍ମକର୍ତ୍ତା, ଏମ୍‌ବିକେ, ସିଆର୍‌ପିଙ୍କ ସମେତ ବହୁ ଜନ ସାଧାରଣ ଉପସ୍ଥିତ ଥିଲେ।

# ପାଠ୍ୟ ଉପକରଣ ବାଣ୍ଟିଲା କିନ୍ନର ସମାଜ

ଉମରକୋଟ, ୨୯।୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୮ କେନାଲ ସାହି ଖେଳ ପଡ଼ିଆରେ କିନ୍ନର ସମାଜ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କିନ୍ନର ସମାଜ ପକ୍ଷରୁ ସମାଜର ଅସହାୟ ବୃଦ୍ଧା ବିଧବାଙ୍କୁ କମ୍ବଳ, ଗରିବ ପିଲାଙ୍କୁ ଖାତା କଲମ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଉପ ଜିଲାପାଳ ବାବୁଲାଲ ସାମଲ ମୁଖ୍ୟ ଅତିଥି, ସରକାରୀ ଅଧିବକ୍ତା ପ୍ରଦୀପ କୁମାର ପଟ୍ଟନାୟକ ବରଣ୍ୟ ଅତିଥି, ଏବିଇଓ ଦେବେନ୍ଦ୍ର କୁମାର ବାଗ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଆମ୍ବେଦକର ବିଚରା ମଞ୍ଚ ଜିଲା ସଭାପତି ଶରତ ପାଣିଗ୍ରାହୀ, କିନ୍ନର ସମାଜ ସଭାପତି ଦେବଲିନା ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ କିନ୍ନର ସମାଜ ଏପରି ଜନ ମଙ୍ଗଳ କାର୍ଯ୍ୟରେ ନିଜକୁ ସାମିଲ କରିଥିବାରୁ ସମସ୍ତ ଅତିଥି ସେମାନଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିବାନୀ, ଅଭିଲିପ୍‌ସା, ରିବା, ରୁମୁକି, ପିଙ୍କି, ପ୍ରଭା, ସୁହାନି, ଶୁଭଙ୍କ ସମେତ ବହୁ ସଂଖ୍ୟାରେ କିନ୍ନର ମାନେ ଯୋଗ ଦେଇଥିଲେ।



ସହାୟତା ବଣ୍ଟନ ଅବସରରେ ଅତିଥି ଓ କିନ୍ନର ସଂଘ ସଦସ୍ୟମାନେ।

# ନାରୀ ସଶକ୍ତୀକରଣର ଏକ ସଶକ୍ତ ମାଧ୍ୟମ ଆତ୍ମରକ୍ଷା ପ୍ରଶିକ୍ଷଣ



ଅତିଥିଙ୍କ ସହ ଆତ୍ମରକ୍ଷା ତାଲିମ ନେଇଥିବା ଛାତ୍ରୀମାନେ।

ନବରଙ୍ଗପୁର, ୨୯।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଓ ନାରୀ ସଶକ୍ତିକରଣ ଉଦ୍ଦେଶ୍ୟରେ ଏହି ଶିବିର ଉଦ୍‌ଯାପିତ ହୋଇଯାଇଛି। ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଆୟୋଜିତ ଏହି ଶିବିରରେ ଯୁକ୍ତ ୩ ପ୍ରଥମ ବର୍ଷର ୨୪୭ ଛାତ୍ରୀ ଆତ୍ମରକ୍ଷା ସମ୍ପର୍କୀୟ ପ୍ରାୟୋଗିକ କୌଶଳ ତାଲିମ ନେଇଥିଲେ। ଉଦ୍‌ଯାପନୀ ସଭାରେ ଜୟପୁରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଗୋପାଳ ହାଲ୍‌ଦାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆତ୍ମରକ୍ଷା ତାଲିମ ଏବେକା ସମାଜର ଏକ ଅପରିହାର୍ଯ୍ୟ ଆବଶ୍ୟକତା ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡେପୁଟି ଡାଇରେକ୍ଟର ଡ. ମହେନ୍ଦ୍ର କୁମାର ଭୋଇ ଯୋଗଦେଇ ଯୁବପିଢ଼ିଙ୍କ ପାଇଁ ଏହି ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅଧକ୍ଷା ମାଳେଶ୍ୱରୀ ଆତ୍ମରକ୍ଷା ପ୍ରଶିକ୍ଷଣକୁ ନାରୀ ସଶକ୍ତୀକରଣର ଏକ ସଶକ୍ତ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ। ମାଷ୍ଟର ଟ୍ରେନର ରଇଲା ଭତ୍ରା ଓ ରାଜେଶ୍ୱରୀ ନାୟକ ଉପସ୍ଥିତ ଥିଲେ। ସେମାନଙ୍କ ଦକ୍ଷ ମାର୍ଗଦର୍ଶନ ଓ ପ୍ରାୟୋଗିକ ପ୍ରଶିକ୍ଷଣ ମାଧ୍ୟମରେ ଅଂଶ ଗ୍ରହଣକାରୀମାନେ ମୂଳ ଆତ୍ମରକ୍ଷା କୌଶଳ, ବିପଦ ସମୟରେ ସଚେତନତା, ଶାରୀରିକ ସନ୍ତୁଳନ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ଶିଖିଥିଲେ। କୋଅର୍ଡିନେଟର ଡ. ସଂଯୁକ୍ତା ପଣ୍ଡା ଏହାକୁ ପରିଚାଳନା କରିଥିଲେ। ଶିବିରର ଉଦ୍ଦେଶ୍ୟ, ପ୍ରଶିକ୍ଷଣର ପ୍ରକ୍ରିୟା ଓ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ମାଷ୍ଟର ଟ୍ରେନର ଓ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

# ୨୭୬୧ ଲିଟର ଦେଶୀମଦ ନଷ୍ଟ, ଜଣେ ଗିରଫ

ନନ୍ଦପୁର/ପାଡୁଆ, ୨୯।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜଲା ନନ୍ଦପୁର ଅବକାରୀ ଥାନା ପକ୍ଷରୁ ଗୁରୁବାର ପାଛଲୁଙ୍ଗ ପଞ୍ଚାୟତର ଅଣ୍ଡରଗୁଡ଼ା ଓ କୁଲାରସିଂ ପଞ୍ଚାୟତରେ ଅବକାରୀ ଚଢ଼ାଉ କରାଯାଇଛି। ଅଣ୍ଡରଗୁଡ଼ା ଜଙ୍ଗଲରେ ଥିବା ଗୋଟିଏ ଦେଶୀମଦ ଭାଟି ଭାଙ୍ଗିବା ସହ ୨୬୦୦ ଲିଟର ପୋଚ ଓ ପ୍ରସ୍ତୁତ ମଦ ଢାଳି ନଷ୍ଟ କରିଛନ୍ତି। ଭାଟି ପ୍ରସ୍ତୁତକାରୀମାନେ ଦୂରରୁ ପୋଲିସକୁ ଦେଖି ଜଙ୍ଗଲ ମଧ୍ୟକୁ ଖସି ପଳାଇଥିଲେ। କୁଲାରସିଂ ଗାଁ ରେ ଚଢ଼ାଉ ବେଳେ ଶାନ୍ତି ଖିଲଙ୍କ ଘରେ ବିକ୍ରି ପାଇଁ ଗଚ୍ଛିତ ୧୬୧ ଲିଟର ଦେଶୀ ମଦ ଜବତ ହୋଇଛି। ଶାନ୍ତି ଖିଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଥାନାରେ ୨ ମାମଲା ପିଆର ନଂ. ୨୦୩/୨୫-୨୬ ଓ ୨୦୪/୨୫-୨୬ ପ୍ରକାରେ ରୁଜୁ କରାଯାଇଛି। ଅବକାରୀ ଥାନା ଓଆଇସି ରାଜୁ କୁମାର କ୍ଷିତି ମାମଲାର ତଦନ୍ତ କରୁଛନ୍ତି।

# ୪୮ ସମ୍ପ୍ରଦାୟ ସହାୟକ କର୍ମଚାରୀଙ୍କ ଭୁବନେଶ୍ୱର ଗସ୍ତ

## ରାଜ୍ୟସ୍ତରୀୟ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମରେ ଯୋଗଦେବେ



ଭୁବନେଶ୍ୱର ବାହାରିଥିବା ସମ୍ପ୍ରଦାୟ ସହାୟକ କର୍ମଚାରୀ।

ଡାବୁଗାଁ, ୨୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ରାଜ୍ୟ ମିଶନ ଶକ୍ତି ବିଭାଗ ରାଜ୍ୟସ୍ତରୀୟ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ନବରଙ୍ଗପୁର ଜିଲା ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକର ୪୮ ସମ୍ପ୍ରଦାୟ ସହାୟକ କର୍ମଚାରୀ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ଗସ୍ତ କରିଛନ୍ତି। ଶୁକ୍ରବାର ସେମାନେ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମରେ ଯୋଗଦେବେ। ଡାବୁଗାଁ ବ୍ଲକରୁ ୨୬ ଜଣ ଓ ପାପଡାହାଣ୍ଡି ବ୍ଲକ ର ୨୪ ଜଣ ସମ୍ପ୍ରଦାୟ ସହାୟକ କର୍ମଚାରୀ ଗସ୍ତ କରିଛନ୍ତି। ଏଥିରେ ସହାୟକ ଅଧିକାରୀ ଭାବେ ଡାବୁଗାଁ ବ୍ଲକ ବିପିଏମ ଦୀପ୍ତି କିଶୋର ନାୟକ, ପାପଡ଼ାହାଣ୍ଡି ବ୍ଲକ ବିପିଏମ ସୁଦାନ ଗାଣ୍ଡୁ ଓ ଡାବୁଗାଁ ବ୍ଲକ ବିପିଏ ନବୀନ ଭତ୍ରା ପ୍ରମୁଖ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ବ୍ଲକ ଅଧକ୍ଷା ବୀଣା ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଦକ୍ଷତା ବ୍ଲକ ସହଭାଗୀ ମୋନାଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭୈମୀ ବଡ଼ ଏକାଦଶୀରେ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ବେଶ

ଜୟପୁର, ୨୯।୧ (ପବନ ପାଣିଗ୍ରାହୀ)

ଭୈମୀ ବଡ଼ ଏକାଦଶୀରେ କୋରାପୁଟ ଜିଲା ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉଙ୍କୁ ରୌପ୍ୟ ବେଶରେ ସଜ୍ଜିତ କରାଯାଇଛି। ପ୍ରସିଦ୍ଧ ବଲ୍ଲଭ ନାରାୟଣଙ୍କୁ ରୌପ୍ୟ ବେଶ ଓ କଣ୍ଡାରା ସାହିସ୍ଥିତ ଲକ୍ଷ୍ମୀ ନୃସିଂହଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଛି। ବଡ ଏକା ଦଶୀ ରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଥିବାବେଳେ ସ୍ୱତନ୍ତ୍ର ନୀତିକାନ୍ତି ଆଳତି ଭୋଗ ଲାଗି କରାଯାଇଛି । ବଲ୍ଲଭ ନାରାୟଣ ମନ୍ଦିରେ ୪ ଥର ମନ୍ଦିର ପିରିକ୍ରମା କରାଯାଇଥିଲା। ଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋହିତ ଉମ୍ବରୁଧର ପଣ୍ଡା, ଜଗନ୍ନାଥ ତ୍ରିପାଠୀ ଓ ନୃସିଂହ ମନ୍ଦିର ସୁନୀଲ ଆଚାର୍ଯ୍ୟ ନିତିକାନ୍ତି ତୁଲାଇଥିଲେ।


ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ରୌପ୍ୟ ବେଶ।

# ନିର୍ଭରଶୀଳ ନ ହୋଇ ସ୍ୱାଧୀନଭାବେ ଚାଲିବାକୁ ପରାମର୍ଶ

ନବରଙ୍ଗପୁର, ୨୯।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ମିଶନ ଶକ୍ତି ଗୃହରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ ନାଗରିକ ସୁରକ୍ଷା ଆଇନ ୨୦୦୭କୁ ନେଇ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ସଞ୍ଚାଳନ କରାଯାଇଥିଲା। ପ୍ରାୟ ୮୦ ବରିଷ୍ଠ ନାଗରିକ ଶିବିରରେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ. ରାଧାନାଥ ବେହେରା, ବରିଷ୍ଠ ନାଗରିକ ମଞ୍ଚ ଗାଦବାଗୁଡ଼ାର ସମ୍ପାଦକ ଅଲପ୍ରେଡ ଖୁରା, ଭୁବନେଶ୍ୱର ଆସିଥିବା ରାଜ୍ୟ ପ୍ରୋଗ୍ରାମ କୋଅର୍ଡିନେଟର ଦେବଶ୍ରୀ ବ୍ରହ୍ମା, ଜିଲା ଶିଶୁ କଲ୍ୟାଣ ପ୍ରୋଗ୍ରାମ ଅଫିସର ରମା ପଟ୍ଟନାୟକ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଅତିଥିଭାବେ ମଞ୍ଚାସୀନ ଥିଲେ। ଭାରତ ବିଶ୍ୱରେ ଅଧିକ ବୃଦ୍ଧାବୃଦ୍ଧ ଥିବା ଦେଶ ହେବାକୁ ଯାଇଛି। ପ୍ରତ୍ୟେକ ମା' ବାପା ଝିଅପୁଅଙ୍କ ଉପରେ ନିର୍ଭର ନ ହୋଇ ସ୍ୱାଧୀନ ଭାବରେ ଚାଲିବାକୁ ଅତିରିକ୍ତ ଜିଲାପାଳ ମତ ଦେଇଥିଲେ। ସମସ୍ୟାକୁ ସମସ୍ୟା ନ ଭାବି ସୁଖ ଦୁଃଖର ଏକ ଅଙ୍ଗ ଭାବି ସମାଜରେ ଚାଲିବାକୁ ଅତିଥି ପରାମର୍ଶ ଦେଇଥିଲେ। ଭୁବନେଶ୍ୱରରୁ ଆସିଥିବା ରାଜ୍ୟ ପ୍ରୋଗ୍ରାମ କୋଅର୍ଡିନଟର ଦେବଶ୍ରୀ ବ୍ରହ୍ମା ବରିଷ୍ଠ ନାଗରିକଙ୍କ ଉପରେ ରକ୍ଷଣାବେକ୍ଷଣ ଓ ନାଗରିକ ସୁରକ୍ଷା ଦିଗରେ କାମ କରିଥିବା ଆଇନ ୨୦୦୭ର ସମସ୍ତ ଦିଗକୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ବରିଷ୍ଠ ନାଗରିକଙ୍କ ଅସୁବିଧା, ସୁବିଧା ସମ୍ପର୍କରେ ଡ. ରାଧାନାଥ ବେହେରା ମତ ଦେଇଥିଲେ। ସମସ୍ତ ସୁବିଧା ପର୍ଯ୍ୟାୟକ୍ରମେ ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତି ଦେଇଥିବା ରମା ପଟ୍ଟନାୟକ କହିଥିଲେ। ବରିଷ୍ଠ ନାଗରିକ ନାରାୟଣ ପଣ୍ଡା ଜିଲାରେ ଏକ ବୃହତ୍ ବୃଦ୍ଧାଶ୍ରମର ଆବଶ୍ୟକତା ଅଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଜଗନ୍ନାଥ ମହାପାତ୍ର, ନିରଞ୍ଜନ ମିଶ୍ର, ସରୋଜିନୀ ହିଆଲ, ଚନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ଭତ୍ରା, ସୁଶୀଲ ମିଶ୍ର, ସଞ୍ଜୟ ଟାକ୍ରି,ପ୍ରକାଶ ନାଗ, ବିଷ୍ଣୁ ମହାପାତ୍ର, ଜ୍ୟୋତିର୍ମୟୀ ଡଙ୍ଗରି, ଧନୁର୍ଜୟ ରାଓ, ବୃନ୍ଦାବନ ବେବର୍ତ୍ତା, ଭକ୍ତି ପ୍ରସାଦ ବେହେରା, ଇନ୍ଦ୍ରମଣି ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଫକୀର କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ନାଚିନାଚି ନଗର ପରିକ୍ରମା କଲେ ଶିରା ଦିଶାରୀ

## ଡାବୁଗାଁ ରେ ମାଘ ମଣ୍ଡେଇ

ଡାବୁଗାଁ, ୨୯।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାରେ ଆଦିବାସୀଙ୍କ ପାରମ୍ପାରିକ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେତାଳେ ଶେଷ ହୋଇଛି ଏହି ଉତ୍ସବ। ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୦୦ ଗ୍ରାମରୁ ଲାଠି, କୁର୍ଚି ଓ ପାଲିଙ୍କି ଭୈରବ ମନ୍ଦିରରେ ପୂଜାର୍ଚ୍ଚନ ହୋଇଥିଲା। ପରେ ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ନଗର ପରିକ୍ରମା କରି ଭୈରବ ମନ୍ଦିରରେ ଏକାଠି ହୋଇଥିଲେ। ପୂଜାରୀ, ଶିରା ଓ ଦିଶାରିମାନେ ସାଜସଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ଚି, ଶିରା, ଦିଶାରିମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚ ଥିଲେ। ଶୁକ୍ରବାର ଲାଠି, କୁର୍ଚି ଓ ଶିରା ପୂଜାରୀମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ନରେ ବିଦାୟ ଦିଆଯିବ। ଏହି ମଣ୍ଡେଇ ପାଳନରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ଦେଶୀଆ ନାଟ ଯଥା କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ବର୍ମାଗୁଡା ଗ୍ରାମର କର୍ଣ୍ଣ ଗୁରୁ ଙ୍କ ନିର୍ଦ୍ଦେଶିତ ସୁଖ ନେଇଗଲା ମାମୁଁର ଝିଅ ଓ ବୋରୀଗୁମ୍ମା ବ୍ଲକ ଅଧୀନ ବଡଦୁବୁଲି ଗ୍ରାମର ଭୁବନ ଗୁରୁଙ୍କ ନିର୍ଦ୍ଦେଶିତ ସତ ପ୍ରେମ କେବେ ହାରେନା ନାଟକ ପରିବେଷଣ କରାଯାଇଛି। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧକ୍ଷା ବୀଣା ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲାପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଏମ୍. ଆପ୍ପା ରାଓ, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ଭାଜପା ଜିଲା ସମ୍ପାଦକ ଜେ. ରାଜଶେଖର ରାଓ, ଜୟନ୍ତ ରାୟପାତ୍ର, ଜି. କିରଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ଭାବେ ବିନୋଦ ସୌରା, ଉପସଭାପତି ସତ୍ୟରଞ୍ଜନ ପାତ୍ର, ସମ୍ପାଦକ ସୁରେନ୍ଦ୍ର ରେଲି, ବିଶ୍ୱରଞ୍ଜନ ରାୟପାତ୍ର, କୁନୁ ପାତ୍ର, ଶାନ୍ତି ସୁନା, ଜିତୁ ରେଲୀ, ମନୁ ରେଲି, ସମୀର କୁମାର ମିଞ୍ଜ, ବବୁଲ ଖୁଣ୍ଟିଆ ଓ ଅନ୍ୟମାନେ ପରିଚାଳନା କରିଥିଲେ।


ଲାଠି, କୁର୍ଚି ଓ ଶିରା ନଗର ପରିକ୍ରମା କରୁଛନ୍ତି।

# ମେଡିକାଲ କଲେଜ କାମ ଆରମ୍ଭ ନେଇ ଦିଆଯିବ ପ୍ରସ୍ତାବ

ନବରଙ୍ଗପୁର, ୨୯।୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନାଗରିକ କମିଟି ପକ୍ଷରୁ ଗୁରୁବାର ତୃପ୍ତି ଲଜ୍ ସମ୍ମିଳନୀ କକ୍ଷରେ ଏକ ବୈଠକ କରାଯାଇଛି। ଜିଲା ସଦର ମହକୁମାରେ ସରକାରଙ୍କ ପ୍ରସ୍ତାବିତ ନୂତନ ମେଡିକାଲ କଲେଜ ସ୍ଥାପନ ସମ୍ବନ୍ଧରେ ଏଠାରେ ଆଲୋଚନା କରାଯାଇଥିଲା। ଘୋଷଣାର ୧ ବର୍ଷ ବିତିଯାଇଥିଲେ ମଧ ମେଡିକାଲ କଲେଜ ସ୍ଥାପନ ପାଇଁ ଏପର୍ଯ୍ୟନ୍ତ କୌଣସି ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଯୋଗୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲାର ସମସ୍ତ ସଙ୍ଗଠନକୁ ନେଇ ଏକ କମିଟି ଗଠନ କରିବାକୁ ମତ ପ୍ରକାଶ ପାଇଥିଲା।

ଜଗନ୍ନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ରାମପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। କମିଟିର ଉପଦେଷ୍ଟା ତଥା ସରକାରୀ ଅଧିବକ୍ତା ଝାଡ଼େଶ୍ୱର ଖାଡଙ୍ଗା, ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁ, ନବରଙ୍ଗପୁର କଲେଜ ଆଲୁମ୍ନି କମିଟି ସଭାପତି ଗଣେଶ ଦାଶ, ଜିଲା ଆଇନଜୀବୀ ସଂଘ ସଭାପତି ସିରାଜୁଦ୍ଦିନ ଅହମ୍ମଦ, ଶିକ୍ଷାବିତ୍ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ତଥା କବି ବିଜୟ ଚୌଧୁରୀ, ପ୍ରାକ୍ତନ ପ୍ରାଧାପକ ଡ. ବିଜୟ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ମେଡିକାଲ କଲେଜ ସ୍ଥାପନ ପାଇଁ ଆନୁଷଙ୍ଗିକ ସୁବିଧା ଓ ଯଥାର୍ଥତା ସମ୍ବନ୍ଧରେ ସେମାନେ ମତ ଦେଇଥିଲେ। ଆଇନଜୀବୀ ସନ୍ତୋଷ ମିଶ୍ର, ରବୀନ୍ଦ୍ର ପ୍ରସାଦ ପାଢ଼ୀ, ସମରେଶ ଗନ୍ତାୟତ, ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ନିରଞ୍ଜନ ମିଶ୍ର, ଶ୍ରୀକାନ୍ତ ମହାନ୍ତି, ପ୍ରଭାସିନୀ ମହାନ୍ତି ପ୍ରମୁଖ ବୁଦ୍ଧିଜୀବୀ ଜିଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ଯୁକ୍ତିଯୁକ୍ତ ବୋଲି କହିଥିଲେ। ନବରଙ୍ଗପୁରରେ ନୂତନ ମେଡିକାଲ କଲେଜ ଘୋଷଣା ଯୋଗୁ ନାଗରିକ କମିଟି ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ସହକାରୀ ଆବାହକ ଆଇନଜୀବୀ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ସଦସ୍ୟ ସୁବ୍ରତ ବେହେରା, ଶରତ ଦାଶ, ବିବେକାନନ୍ଦ ପଣ୍ଡା, ସରକାରୀ ଆଇନଜୀବୀ କିଶୋରୀ ପଟ୍ଟନାୟକ, ସଦସ୍ୟା ସ୍ୱର୍ଣ୍ଣଲତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତପନ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ବୀରେନ୍ଦ୍ର ନାୟକ, ଟି. ନନ୍ଦିକେଶ୍ୱର ରାଓ, ମୀନାକ୍ଷୀ ପାଢ଼ୀ, ସିଦ୍ଧାର୍ଥ ଶଙ୍କର ବେହେରା, ଉମାକାନ୍ତ ବେହେରା, ଭୁବନେଶ୍ୱର ସୁର, ରବି ପ୍ରସାଦ ଶତପଥୀ, ବୀରେନ୍ଦ୍ର ମୋହନ ନାୟକ, ଜିଲା କିନ୍ନର ସଂଘ ଅଧ୍ୟକ୍ଷ ମନୋଜ ପଟ୍ଟନାୟକ, କବି ରାମକୃଷ୍ଣ ପାତ୍ର, ଅଧ୍ୟାପକ ଅଖିଳ ଭଟ୍ଟ, ଲକ୍ଷ୍ମୀକାନ୍ତ ପଣ୍ଡା ପ୍ରମୁଖ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଗର୍ଭବତୀ ଅଭିଯୋଗ

ଜୟପୁର, ୨୯।୧ (ପବନ ପାଣିଗ୍ରାହୀ)

ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କୁ ଗର୍ଭବତୀ ଓ ପରେ ପ୍ରତାରଣା କରିବା ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ସହର ହାନାଗୁଡ଼ାର ଅଭିଯୁକ୍ତ ସିମନ ନାଗ (୨୬)। ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରିକ ସମ୍ପର୍କ ରଖିଥିେ। ଏହା ମଧ୍ୟରେ ଯୁବତୀ ଜଣକ ୪ ମାସର ଗର୍ଭବତି ହୋଇଥିବା ବେଳେ ଅଭିଯୁକ୍ତ ଜଣକ ବିବାହ କରିବାକୁ ମନା କରି ଦେଇଥିଲେ। ଏନେଇ ପୀଡ଼ିତା ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମହିଳା ପୋଲିସ ୧୮୬/ ୨୫ରେ ମମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଜୟପୁର ମହିଳା ପୋଲିସ ସୂଚନା ଦେଇଛି।

### ଅପହରଣ, ବଳାତ୍କାର ମାମଲାରେ ଯୁବକ ଗିରଫ

ଲକ୍ଷ୍ମୀପୁର, ୨୯।୧ (ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ପୋଲିସ ଗିରଫ ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ରତନ ଜାନି (୩୫)। ଅଭିଯୁକ୍ତ ଜଣଙ୍କ ପଡ଼ୋଶୀ ଘର ଯୁବତୀଙ୍କୁ ଅପହରଣ କରି ନେଇଥିବା ଯୁବତୀଙ୍କ ପରିବାର ଲୋକେ କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ କାକିରିଗୁମ୍ମା ପୋଲିସ ୭/୨୬ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଯୁବତୀ ଜଣଙ୍କୁ ସେମିଳିଗୁଡ଼ାରୁ ଉଦ୍ଧାର କରାଯାଇଥିଲା। ପଚରାଉଚରାବେଳେ ତାଙ୍କୁ ବଳାତ୍କାର କରାଯାଇଥିବା ଯୁବତୀ ଜଣଙ୍କ କହିଥିଲେ। ଯୁବତୀଙ୍କୁ ଡାକ୍ତର ମଇନା ସହ ଗୁରୁବାର ଲକ୍ଷ୍ମୀପୁର କୋର୍ଟରେ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲ୍ ପଠାଯାଇଥିବା ଜଣାପଡ଼ିଛି।

### ଗୋକୁଳ ସଭାପତି, କୃଷ୍ଣ ଉପସଭାପତି, ରାଜେଶ ସମ୍ପାଦକ

କୁନ୍ଦୁରା, ୨୯।୧ (ସନ୍ତୋଷ ପ୍ରହରାଜ)


ଗୋକୁଳ ପଟ୍ଟନାୟକ


ରାଜେଶ ଗୁରୁ


କୃଷ୍ଣ ଚନ୍ଦ୍ର ଦାଶ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ପୁଣିଥରେ ଗୋକୁଳ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ସେହିଭଳି କୃଷ୍ଣ ଚନ୍ଦ୍ର ଦାଶ ଉପସଭାପତି ଏବଂ ରାଜେଶ ଗୁରୁଙ୍କୁ ସମ୍ପାଦକ ଦାୟିତ୍ୱ ମିଳିଛି। ରାଜ୍ୟ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ ୨ କ୍ରମେ ଚିଠି ସଂଖ୍ୟା ୨୭ (୭)ଏଡିଏମଏନ ୨୦୨୬ରେ ଗୋକୁଳ, କୃଷ୍ଣ ଏବଂ ରାଜେଶଙ୍କ ନାମ ଥିବା ଦେଖିବାକୁ ମିଳିଛି। ଗୋକୁଳ ପଟ୍ଟନାୟକଙ୍କୁ ଦ୍ୱିତୀୟ ଥର ସଭାପତି ଦାୟିତ୍ୱ ମିଳିଛି। ନୂତନ ଭାବେ ସମ୍ପାଦକ ଦାୟିତ୍ୱ ମିଳିଥିବା ରାଜେଶଙ୍କ ଦାଦା ସ୍ୱର୍ଗତ ତ୍ରିପତି ଗୁରୁ ଦୀର୍ଘ ବର୍ଷ ଧରି ସଭାପତି ଦାୟିତ୍ୱରେ ରହିଥିଲେ। ଗୋକୁଳ, କୃଷ୍ଣ ଏବଂ ରାଜେଶଙ୍କର କୁନ୍ଦୁରା ବ୍ଲକ କଂଗ୍ରେସ ଏବଂ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅବଦାନ ରହିଛି। ଗୋକୁଳ ଗତ ଦିନରେ ସଭାପତି ଦାୟିତ୍ୱରେ ରହି କୁନ୍ଦୁରା ବ୍ଲକ ଅଧକ୍ଷ ମୁଖ୍ୟ ଅବଦାନ ରହିଥିଲା। କୃଷ୍ଣଚନ୍ଦ୍ର ଦାଶ କୁନ୍ଦୁରା କଂଗ୍ରେସରେ ଦଶନ୍ଧି ଦଶନ୍ଧି ଧରି ରହିଥିବା ବେଳେ ରାଜେଶ ଗୁରୁ ପୂର୍ବରୁ ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଅପରାଜେୟ ଭାବେ କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ୭ଥର ବିଧାୟକ ହୋଇଥିବା ସ୍ୱର୍ଗତ ବାସୁଦେବ ମାଝୀଙ୍କ ବିଜୟ ପଛରେ ଏମାନଙ୍କ ଭୂମିକା ରହିଥିଲା।

# ମାର୍ଚ୍ଚ ୩୧ ଯାଏ ଚାଲିବ ମାଣ୍ଡିଆ ମଣ୍ଡି

**ପଟ୍ଟାଙ୍ଗିରେ ଖୋଲିଲା ମାଣ୍ଡିଆ ମଣ୍ଡି**

- ଜଣେ ଚାଷୀ ମଣ୍ଡିରେ ବିକି ପାରିବେ ୨୨ କୁଇଣ୍ଟାଲ ମାଣ୍ଡିଆ
- ପ୍ରଥମ ଦିନରେ ୪ ଚାଷୀଙ୍କଠାରୁ କିଣାଗଲା ୭୦ କୁଇଣ୍ଟାଲ ୫୦କେଜି ମାଣ୍ଡିଆ

ପଟ୍ଟାଙ୍ଗି, ୨୯।୧ (ଶରତ କୁମାର ଧଳ)


ଅତିଥିମାନେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ଗଣେଶ ମନ୍ଦିର ନିକଟସ୍ଥ ଚୌଧୁରୀ ଷ୍ଟଲ୍‌ରେ ଗୁରୁବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ପଞ୍ଚବଟ ପ୍ରଡ୍ୟୁସର କମ୍ପାନୀ ଏବଂ ଲାଭସ୍ ଅନୁଷ୍ଠାନ ମିଳିତ ସହଯୋଗରେ ଉକ୍ତ ଷ୍ଟଲ୍‌ରେ ଆୟୋଜିତ ମାଣ୍ଡିଆ ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟ ଲଇଚନ ଖରା , ବିଡିଓ ରାମକ୍ରିଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, କୃଷି ବିଭାଗ ଏଓ ଲେନିନ୍ ଶବର, ମିଶନ ଶକ୍ତି ବିପିସି ଶ୍ରୀଧର ଜାନି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ମାଣ୍ଡିଆ ସବୁଠାରୁ ପୃଷ୍ଟିକର ଖାଦ୍ୟ। ମାଣ୍ଡିଆର ଚାହିଦା ପୂର୍ବରୁ ନ ଥିଲା। ଅମଳ ପରେ ଗ୍ରାମାଞ୍ଚଳରେ ସୀମିତ ରହି ଯାଉଥିଲା। କିନ୍ତୁ ଏବେ ମାଣ୍ଡିଆରୁ ଚା, ବିସ୍କୁଟ, କେକ୍, କ୍ଷୀରି ପ୍ରମୁଖ ପୃଷ୍ଟିକର ଖାଦ୍ୟ ପ୍ରସ୍ତୁତ ହେଉଛି। ଯାହାର ଚାହିଦା ଦେଶରୁ ବିଦେଶ ପର୍ଯ୍ୟନ୍ତ ରହିଛି ବୋଲି ଅତିଥିମାନେ ମତ ଦେଇଥିଲେ। ଏବେ ପଟ୍ଟାଙ୍ଗିରେ ମଣ୍ଡି ଖୋଲା ଯାଇଥିବାରୁ ଚାଷୀଙ୍କୁ ମାଣ୍ଡିଆ ବିକ୍ରି କରିବାରେ କୌଣସି ଅସୁବିଧା ହେବନାହିଁ ବୋଲି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀଙ୍କୁ ଅତିଥି ବୁଝାଇଥିଲେ। ମାର୍ଚ୍ଚ ୩୧ ଯାଏ ଏହା ଚାଲିବ। ମାଣ୍ଡିଆ କେଜି ପିଛା ୪୮ଟଙ୍କା ୮୬ ପଇସାରେ କିଣାଯିବ । ଜଣେ ଚାଷୀ ମଣ୍ଡିରେ ୨୨ କୁଇଣ୍ଟାଲ ପର୍ଯ୍ୟନ୍ତ ମାଣ୍ଡିଆ ବିକି ପାରିବେ ବୋଲି ପଞ୍ଚବଟ ମାଳିର ଅଧକ୍ଷ ଜୋସ୍ନା ଚୈଉଧୁରୀ ସିରିମା ପାଙ୍ଗି ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୪ ଚାଷୀଙ୍କଠାରୁ ୭୦ କୁଇଣ୍ଟାଲ ୫୦ କେ.ଜି. ମାଣ୍ଡିଆ କିଣାଯାଇଛି। ଉକ୍ତ ମଣ୍ଡିରେ ବ୍ଲକର ପେଟୁରୁ, ଅମ୍ବାବାଲି, ତଳଗଲୁର ଓ ସୁଙ୍କ ପଞ୍ଚାୟତକୁ ଛାଡି ଅନ୍ୟ ପଞ୍ଚାୟତର ଚାଷୀ ମାଣ୍ଡିଆ ବିକ୍ରି କରିବା ସୁବିଧା ରହିଥିବା ଲାଭସ୍‌ର ସୁବ୍ରତ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପରମାନନ୍ଦ ବିଷୋୟୀ, କମ୍ପାନୀ ସିଆର୍‌ପି, କୋଷାଧକ୍ଷ ପ୍ରମୁଖ ପରିଚାଳନା କରିଥିଲେ।

# ଦେଓମାଳୀରେ ସ୍ଥାପିତ ବୁଦ୍ଧ ମୂର୍ତ୍ତି ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ

ସୁନାବେଡ଼ା/ସେମିଳିଗୁଡ଼ା, ୨୯।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳୀ ପର୍ବତ କୋରାପୁଟ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ରୂପେ ଖ୍ୟାତି ଅର୍ଜନ କରିଛି। ବର୍ଷ ତମାମ ଏଠାକୁ ହଜାର ହଜାର ସଂଖ୍ୟାରେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହେଲେ ଏଠାରେ ପ୍ରଶାସନ ଦ୍ୱାରା ସ୍ଥାପନ କରାଯାଇ ଥିବା ବୁଦ୍ଧଦେବଙ୍କ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇ ବିକୃତ କରି ଦେଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ କେତେଜଣ ପର୍ଯ୍ୟଟକ ଏହାକୁ ନାପସନ୍ଦ କରିବା ସହ ଏହା ବୌଦ୍ଧ ଧର୍ମାବଲମ୍ବୀଙ୍କୁ କୁଠାରଘାତ ବୋଲି କହିଛନ୍ତି। ଏହି ପର୍ଯ୍ୟଟନ କ୍ଷେତ୍ରର ସୁରକ୍ଷା ଓ ସଫେଇ ଦାୟିତ୍ୱ ପ୍ରଶାସନ କେତଜଣ ଏସ୍‌ଏଚ୍‌ଜିଙ୍କୁ ଦେଇଛି। ଏସ୍‌ଏଚ୍‌ଜି ସଂସ୍ଥା କେବଳ ଗାଡ଼ି ପିଛା ୧୦୦ ଟଙ୍କା ଏଣ୍ଟ୍ରି ଫି ଆଦାୟ କରି ବସିଯାଉଛି। ହେଲେ ଏଠାକାର ରକ୍ଷଣାବେକ୍ଷଣ ଠିକ୍‌ରେ ହେଉନଥିବା ଅଭିଯୋଗ ହୋଇଛି। ଏଠାକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଏକାଧିକ ୱାଚ ଟାୱାର ପ୍ରଶାସନ ନିର୍ମାଣ କରିଛି। ସେଗୁଡ଼ିକର ମଧ୍ୟ ଉପଯୁକ୍ତ ରକ୍ଷଣବେକ୍ଷଣ ହେଉ ନାହିଁ। ଥିବା ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ନଜରରେ ଦେଓମାଳିର ଛବି ମଳିନ ପଡୁଥିବା ଅଭିଯୋଗ ହୋଇଛି। ଏଥିସହ ଏପରି କାମ କରୁଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକାଧିକ ପର୍ଯ୍ୟଟକ ଦାବି କରିଛନ୍ତି। ପର୍ଯ୍ୟଟନ କ୍ଷେତ୍ରର ସୁରକ୍ଷା ଓ ସଫା ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକଙ୍କୁ ପଚାରିବାରୁ କ'ଣ ହୋଇଛି ତାହା ଦେଖିବା ସହ ଏହାର ଯତ୍ନ ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀ ନିବାସ କୋଠା

ଦଶମନ୍ତପୁର, ୨୯।୧ ( ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ନୋଡାଲ ହାଇସ୍କୁଲ୍‌ରୁ ଯୋଡ଼ି ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କୋଠା ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। କୌଣସି ମୁହୂର୍ତ୍ତରେ କିଛି ବି ଦୁର୍ଘଟଣା ଘଟିବା ଆଶଙ୍କା ଥିବା ଛାତ୍ରୀମାନେ କହିଛନ୍ତି।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଉପର ମହଲାରେ ଗାଧୁଆ ଘର ରହିଛି। ସେଠାରେ ଗାଧୋଇବା ପାଣି ପଡିଲେ,ତଳ ମହଲାରେ ପାଣି ଗୁଳୁଛି। ଯାହା ଦ୍ୱାରା କାନ୍ଥ ପ୍ଲାଷ୍ଟର ଛାଡ଼ି ଯାଉଛି। ଓ ବିଭିନ୍ନ କାନ୍ଥ ଫାଟି ଆଁ କରିଛି। ଛାତ୍ରୀମାନେ ଭୟ ଓ ଆତଙ୍କର ସହ ରହୁଥିବା ସ୍କୁଲ୍ ସଭାପତି କୁମର ଜାନୀଙ୍କ ସମେତ ଅଭିଭାବକ ମାନେ ହିଛନ୍ତି। ଏହି କୋଠା ୨୦୧୬ରେ ନିର୍ମାଣ କରାଯାଇଥିଲା। ଯାହାର ଅଟକଳ ମୂଲ୍ୟ ୩୭ ଲକ୍ଷ ଟଙ୍କା ଥିବା ବେଳେ ଜିଲା ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ତଦାରଖ କରା ଯାଇଥିଲା। କିନ୍ତୁ ଗତ ଅଗଷ୍ଟ ମାସରେ ହୋଇ ଥିବା ବର୍ଷା ପବନ ଦ୍ୱାରା ହଷ୍ଟେଲ ନିକଟରେ ଥିବା ବିରାଟ ଆମ୍ବ ଗଛ ଅନ୍ତେବାସୀ ଛାତ୍ରୀଙ୍କ ଗୃହ କୋଠା ଉପରେ ପଡ଼ିଥିଲା। ସେହି ଦିନଠାରୁ କାନ୍ଥ ଗୁଡ଼ିକ ହାଲୁକା ହୋଇ ଫାଟି ଯାଇଛି। ବର୍ତ୍ତମାନ ହଷ୍ଟେଲ ଘର ବିପଦସଙ୍କୁଳ ଅବସ୍ଥାରେ ରହିଛି। କେବଳ ଛାତ୍ରୀଙ୍କ ହଷ୍ଟେଲ କୋଠା ନୁହେଁ ଶୌଚାଳୟ ମଧ୍ୟ ଠିକ୍ ନାହିଁ। ଫଳରେ ଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉ ଥିବା କୁହାଯାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତି ଖୋସଲାଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଯୋଗକୁ ସ୍ୱୀକାର କରିଥିଲେ। କାନ୍ଥ ଫାଟି ଯାଉଛି। ଏହି କୋଠ ମରାମତି ରହିଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ଅଭିଭାବକମାନେ ମଧ୍ୟ ମରାମତି ପାଇଁ ଦାବି କରିଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏବିଇଓ ଅଭିଷେକ ଭୁଏଁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ ତାହା ସମ୍ଭବ ହୋଇନାହିଁ।

# ମଦନ ହାଡ଼ପୁଟିଆ ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି

ନନ୍ଦପୁର, ୨୯।୧ (ତୁଷାର କାନ୍ତ ମହାନ୍ତି)



ଆଗାମୀ ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟ ରଖି ରାଜ୍ୟ କଂଗ୍ରେସ ଦଳର ଓପିସିସି ପ୍ରଶାସକ ସମୀର କୁମାର ରାଉତରାୟ କୋରାପୁଟ ଜିଲା କଂଗ୍ରେସ କମିଟି (ଡିସିସି)କୁ ମଞ୍ଜୁରୀ ଦେଇଛନ୍ତି। ଜିଲାର ୧୪ ବ୍ଲକ ଓ ୪ ପୌରାଞ୍ଚଳରେ କଂଗ୍ରେସ ଦଳକୁ ସଙ୍ଗଠିତ କରିବାକୁ ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ତାଲିକାରେ ନନ୍ଦପୁର ବ୍ଲକ ସଭାପତି ଭାବେ ବାଲଡ଼ା ପଞ୍ଚାୟତର ମଦନ ହାଡ଼ପୁଟିଆଙ୍କ ନାମ ଘୋଷଣା କରାଯାଇଛି। ପୂର୍ବତନ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁଙ୍କୁ ଜିଲା ଉପସଭାପତି ଦାୟିତ୍ୱ ମିଳିଛି। ସେହିଭଳି ବ୍ଲକର ଗୋପାଳ ମାଟାମ, ରାମକୃଷ୍ଣ ପଡ଼ାଲ ଓ ଭୁବନ ଆସନ୍ଧାରୀଙ୍କୁ ଜିଲା କଂଗ୍ରେସ କମିଟିର ବିଭିନ୍ନ ବର୍ଗର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ନାମ ଘୋଷଣା ପରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ବ୍ଲକ ବିଧାୟକ ପ୍ରତିନିଧି କାମେସ କାମୁଡି, ପୂର୍ବତନ ଜିଲା ସଭାପତି ଶଶିଭୂଷଣ ପାତ୍ର ପ୍ରମୁଖ ନବ ମନୋନୀତ ପଦାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦଳୀୟ ନୀତି ଆଦର୍ଶକୁ ଅନୁସରଣ କରି ବ୍ଲକରେ ଦଳୀୟ କର୍ମୀଙ୍କୁ ସଙ୍ଗଠିତ କରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳକୁ ବ୍ଲକରେ ସଫଳ କରିବାକୁ ପ୍ରାଧାନ୍ୟ ଦେବି ବୋଲି ନୂତନ ସଭାପତି ମଦନ ହାଡ଼ପୁଟିଆ, ୩ ସମ୍ପାଦକ ଗୋପାଳ ମାଟାମ, ରାମକୃଷ୍ଣ ପଡ଼ାଲ ଓ ଭୁବନ ଆସନ୍ଧାରୀ ସୂଚନା ଦେଇଛନ୍ତି।

# ଦଶମନ୍ତପୁରକୁ ଛାଡ଼ି ୧୩ ବ୍ଲକ ସଭାପତିଙ୍କ ନାମ ଘୋଷଣା

କୋରାପୁଟ, ୨୯।୧ (ଅମିତାଭ ବେହେରା)

**ଘୋଷିତ ହେଲା ଜିଲା କଂଗ୍ରେସ ପଦାଧିକାରୀ କମିଟି, ବ୍ଲକ ଓ ଟାଉନ ସଭାପତିଙ୍କ ନାମ**


PRADESH CONGRESS COMMITTEE, ODISHA
E-mail:odishapradeshcongress2016@gmail.com

Letter No : 25(7)/ADMN/2026
Dated : 28/01/2026

To
Sri Rupak Turuk
President
Koraput District Congress Committee

The following list of the DCC Committee and Block / Town Congress Presidents of Koraput District has been approved by Sri Bhakta Charan Das, Hon'ble President, Odisha Pradesh Congress Committee.

This is for your information and necessary action.

Thanking you

Yours Sincerely
(Samir Kumar Routray)
Administrator, OPCC

KORAPUT DISTRICT BLOCK PRESIDENT (PROPOSALS)

| NAME | BLOCK | PHONE NO. |
|---|---|---|
| Sri D. Ankali Rao | Bandhugaon | 9592279782 |
| Sri Bibhishan Mahanandia | Narayanpatna | 8328877313 |
| Sri Kailash Chandra Khosla | Laxmipur | 6371061192 |
| | | |
| Sri Arjun Banka | Pottangi | 9337719208 |
| Sri Sanya Majhi | Semiliguda | 6370225940 |

କୋରାପୁଟ ଜିଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଜିଲା ପଦାଧିକାରୀ କମିଟି ନାମ ଘୋଷଣା କରାଯାଇଛି। ଏଥି ସହ ବ୍ଲକ ଓ ଟାଉନ ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଓଡ଼ିଶା ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ ପରେ ପଦାଧିକାରୀ କମିଟି ଘୋଷଣା କରାଯାଇଛି। ଏହି ପଦାଧିକାରୀ କମିଟିରେ ଉପସଭାପତି ପଦବୀରେ ୩୩ ଜଣ ରହିଥିବାବେଳେ ସାଧାରଣ ସମ୍ପାଦକ ପଦବୀରେ ୧୭ ଏବଂ ସମ୍ପାଦକ ପଦବୀରେ ୧୧ ଜଣ ରହୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ନିହାର ରଞ୍ଜନ ବିଷୋୟୀ ପୁଣି କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଏମ୍‌ପି ଓ ବିଧାୟକମାନଙ୍କ ସହ ୩୦ ଜଣ ବରିଷ୍ଠ ନେତା ରହିଛନ୍ତି। କୋରାପୁଟ ଜିଲାର ୧୪ ବ୍ଲକ ମଧ୍ୟରୁ ଦଶମନ୍ତପୁର ବ୍ଲକକୁ ଛାଡ଼ି ୧୩ ବ୍ଲକ ସଭାପତିଙ୍କ ନାମ ଘୋଷଣା କରାଯାଇଛି। କୋରାପୁଟ ବ୍ଲକ ଜିଲା ପରିଷଦ ସଦସ୍ୟ ମିହିର କୁଳଦୀପ କୋରାପୁଟ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି। କୋରାପୁଟ ଟାଉନ କଂଗ୍ରେସ ସଭାପତିଭାବେ ଜୟନ୍ତ କୋଚିମ ପୁଣି ମନୋନୀତ ହୋଇଥିଲେ। ସୁନାବେଡ଼ା ଟାଉନ କଂଗ୍ରେସ ସଭାପତିଭାବେ ଦେବେନ କୁଳଦୀପ, ଜୟପୁର ଟାଉନ କଂଗ୍ରେସ ସଭାପତିଭାବେ ନରେନ୍ଦ୍ର କୁମାର ମହାନ୍ତି ଏବଂ କୋଟପାଡ ଟାଉନ କଂଗ୍ରେସ ସଭାପତି ଭାବେ ମଣି ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି।

# ବୀରଖମ୍ବସାହି ତଳମୁଣ୍ଡରେ ପାନୀୟ ଜଳ ସମସ୍ୟା

ବୈପାରୀଗୁଡ଼ା, ୨୯।୧ (କଳ୍ପତରୁ ମହାନ୍ତି)


ବିଡିଓଙ୍କୁ ସମସ୍ୟା ଜଣାଇବାକୁ ଆସିଥିବା ବସ୍ତିବାସିନ୍ଦା ।

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ସଦର ମ ବୀର ଖମ୍ବସାହିର ତଳମୁଣ୍ଡରେ ହନୁମାନ ମନ୍ଦିର ନିକଟ ଆଦିବାସୀ ବସ୍ତିରେ ପ୍ରାୟ ୪୦ ରୁ ଉର୍ଦ୍ଧ ଆଦିବାସୀ ପରିବାର ଅଛନ୍ତି। କିନ୍ତୁ ସେମାନଙ୍କ ପାନୀୟ ଜଳ ଆବଶ୍ୟକତା ଉପରେ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଏଠାରେ ନଳକୂପ ସୁବିଧା ନାହିଁ। ଉଲ୍ଲେଖନୀୟ ବିଷୟ ୬ ମାସ ତଳେ ମେଗା ୱାଟର ପ୍ରୋଜେକ୍ଟ ପକ୍ଷରୁ ଏହି ବସ୍ତିରେ ଅନେକ ଘରେ ପାଇପ ସଂଯୋଗ ଦିଆଯାଇଛି। କିନ୍ତୁ ପାଣି ଆସୁନାହିଁ। ଆଗକୁ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମାସ୍ୟା ଉତ୍କଟ ହେବ। ଏହା ପୂର୍ବରୁ ଏକ ନୂଳକୁପ ବ୍ୟବସ୍ଥା କରାଇବାକୁ ଦାବି ହୋଇଛି। ପୁନଶ୍ଚ ପାଇପ ଜଳଯୋଗାଣ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି। ବିକଳ୍ପ ବ୍ୟବସ୍ଥା ହେବା ଯାଏ ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବୈପାରୀଗୁଡ଼ା ବିଡିଓ ସୁବ୍ରତ ସାହୁଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହ ଆଲୋଚନା କରିଥିବା ସେ କହିଛନ୍ତି।

# ଡକାୟତି ଉଦ୍ୟମ ପଣ୍ଡ, ୬ ଗିରଫ

ବୋରିଗୁମ୍ମା, ୨୯।୧ (ବିଜୟ କୁମାର ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ପୋଲିସ ଏକ ବଡ଼ ଧରଣର ଡ଼କାୟତ ଯୋଜନାକୁ ପଣ୍ଡ କରିବା ସହ ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମାରଣାସ୍ତ୍ର ଜବତ କରାଯାଇଥିବା ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୁଣା ବୋରିଗୁମ୍ମାର ଲାଇବାନ ହରିଜନ (୪୨), ବାସୁ ହରିଜନ (୧୯), ହାଟପଦାର ଗଗନ ପ୍ରଧାନ (୨୨), ଶାନ୍ତନୁ ମହାନ୍ତି (୨୦), କେଲାଗୁଡ଼ାର ପୂର୍ଣ୍ଣ ହରିଜନ (୨୭) ଓ ହରିହର ହରିଜନ (୩୫)। ଏସ୍‌ଡିପିଓଙ୍କ ସୂଚନାନୁଯାୟୀ, ବୁଧବାର ରାତିରେ ଏଏସ୍‌ଆଇ ଗୋପାଳ ହରିଜନଙ୍କ ସହ ଏଏସ୍‌ଆଇ ବସନ୍ତ ନାଗ ଓ ପୋଲିସ କର୍ମଚାରୀମାନେ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲେ। ୮ ରୁ ୯ ଜଣ ଯୁବକ ବଡ଼ଧରଣର ଡ଼କାୟତ କରିବା ପାଇଁ ଯୋଜନା କରୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ପୋଲିସ ପେଟ୍ରୋଲିଂ ଗାଡ଼ିକୁ ତୁରନ୍ତ କୋଷାଗୁଡା ଛକକୁ ନେଇଥିଲେ। ପୋଲିସ ଗାଡିକୁ ଦେଖି ଡକାୟତ ଯୋଜନା କରୁଥିବା ଯୁବକମାନେ ଦୌଡ଼ିଥିଲେ। ପୋଲିସ ପ୍ରଥମେ ୩ଜଣଙ୍କୁ କାବୁ କରିଥିଲା। ପରେ ଅନ୍ୟ ୩ ଜଣଙ୍କୁ ଭୋର ୪ଟା୩୦ରେ ଗିରଫ କରିଥିଲେ। ସେମାନଙ୍କ ପାଖରୁ କାତି, ଲୁହା ରଡ଼, ଛୁରୀ, ଲାଠି ଜବତ କରାଯାଇଛି। ପୂର୍ବରୁ ବିଭିନ୍ନ ଥାନାରେ ଅଭିଯୁକ୍ତମାନଙ୍କ ନାମରେ ଅନେକ ମାମଲା ରହିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଥାନାରେ କେସ ନମ୍ବର ୧୮/ ୨୦୨୬ରେ ମାମଲା ରୁଜୁ ହୋଇଥିବା ଆଇଆଇସି ରାମାନନ୍ଦ ସାହୁ କହିଛନ୍ତି।


ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ଅଧିକ ସୂଚନା ଦେଉଛି ।

# ନନ୍ଦପୁରରେ କର୍ଣ୍ଣାଟକ ବେପାରୀଙ୍କ ଅଦାକୁ ଆଦର

ନନ୍ଦପୁର, ୨୯।୧ (ତୁଷାର କାନ୍ତ ମହାନ୍ତି)


ବିକ୍ରି ପାଇଁ ରଖାଯାଇଥିବା ଅଦା।

**୩୦ ଟଙ୍କା ଦରରେ କିଣି ନେଉଛନ୍ତି**

ରାଜ୍ୟ ସରକାର ଓ କୋରାପୁଟ ଜିଲା ପ୍ରଶାସନ ଚାଷୀଙ୍କ ଉତ୍ପାଦକୁ ଉପଯୁକ୍ତ ବଜାର, ଉଚିତ ମୂଲ୍ୟ, ଲାଭ ଓ ରୋଜଗାର ଦେବାକୁ କାଗଜପତ୍ରରେ କାମ କରୁଛନ୍ତି। କର୍ଣ୍ଣାଟକରୁ ଆସିଥିବା କେତେଜଣ ବେପାରୀ ଚାଷୀଙ୍କ ଉତ୍ପାଦର 'ତ୍ୱରିତ କ୍ରୟକରି ପ୍ରକ୍ରିୟାକରଣ ଓ ଚାଷୀଙ୍କୁ ତ୍ୱରିତ ଲାଭ', 'ଚାଷୀ ଖୁସ୍' ଓ 'ବେପାରୀ ଖୁସ୍'ର ଫର୍ମୁଲାକୁ କାମରେ କରି ଦେଖାଉଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲା ପ୍ରଶାସନର ଉଦ୍ୟାନ ବିଭାଗ, ଓର୍‌ମାସ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ସ୍ୱେଚ୍ଛାସେବୀ ସଂସ୍ଥା ତଦାରଖରେ ଥିବା କୃଷକ ଉତ୍ପାଦକ ସମିତିଗୁଡ଼ିକ ପାଇଁ ଶିକ୍ଷା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଜିଲାର ଏକକ ଚାଷ ମାନ୍ୟତାପ୍ରାପ୍ତ ଅଦା ଚଳିତବର୍ଷ ରେକର୍ଡ ପରିମାଣର ଉତ୍ପାଦନ ହୋଇଥିଲେ ସୁଦ୍ଧା ପ୍ରଶାସନିକ ଅବହେଳା ଓ ଦୁର୍ବଳ ବଜାରୀକରଣ ବ୍ୟବସ୍ଥା କାରଣରୁ ଚାଷୀ କମ୍ ଦରରେ ଅଦା ବିକ୍ରି କରୁଥିବା ଖବର ଶିରୋନାମା ସାଜିଛି। ନନ୍ଦପୁର ବ୍ଲକ ସଦର ମହକୁମାରେ କିଣାବିକାର ନୂଆ ରୂପ ଦେଖା ଦେଇଛି। କର୍ଣ୍ଣାଟକ ଅଞ୍ଚଳରୁ ଆସିଥିବା କେତେଜଣ ବେପାରୀ ସିଧାସଳଖ ଚାଷୀ ଓ ସ୍ଥାନୀୟ ଖୁଚୁରା ବ୍ୟବସାୟୀଙ୍କଠାରୁ ଅଦା କିଣି ପ୍ରତିଷ୍ଠା କରିଥିବା ଅସ୍ଥାୟୀ ପ୍ରକ୍ରିୟାକରଣ କେନ୍ଦ୍ରରେ ପ୍ରକ୍ରିୟାକରଣକରି ବିପୁଳମାତ୍ରାରେ ଅଦା କର୍ଣ୍ଣାଟକ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ଚାଷୀ ଓ ସ୍ଥାନୀୟ ଖୁଚୁରା ବେପାରୀଙ୍କଠାରୁ ସେମାନେ କିଲୋ ପିଛା (ଗୁଣ୍ଡ ଅଦା) ୨୫ ରୁ ୩୦ଟଙ୍କା ଦରରେ କିଣୁଛନ୍ତି। ସେଠାରେ ଅଦାକୁ ସଫା କରିବା, ଚୋପା ଛଡ଼ାଇବା ଓ ଖଣ୍ଡ ଖଣ୍ଡ କରି ଶୁଖାଇ କର୍ଣ୍ଣାଟକ ଅଞ୍ଚଳର ବିଭିନ୍ନ ମସଲା ଓ ଔଷଧ କମ୍ପାନୀକୁ ଚାଲାଣ କରୁଛନ୍ତି। ୨ଶହ ମେଟ୍ରିକ ଟନ ଅଦା କିଣିବା ଆମ ଲକ୍ଷ୍ୟ ରହିଛି ବୋଲି କର୍ଣ୍ଣାଟକ ବେପାରୀମାନେ କହିଛନ୍ତି। ଉପଯୁକ୍ତ ବଜାର ସୃଷ୍ଟି, ଫଟାଫଟ କିଣାବିକା, ଚାଷୀକୁ ଅଧିକ ଦାମ ମିଳିବା, ତ୍ୱରିତ ପ୍ରାପ୍ୟ ପ୍ରଦାନ କରିବା, ପ୍ରକ୍ରିୟାକରଣ ନେଇ ୩ ମାସ ପାଇଁ ନନ୍ଦପୁରରେ ଜମି ଦେଇଥିବା ଜମି ମାଲିକ ଭଡ଼ା ଦେବାକୁ ସ୍ଥିର କରିବା ସହ ପ୍ରକ୍ରିୟାକରଣ ପାଇଁ ସ୍ଥାନୀୟ ମହିଳା ଓ ପୁରୁଷଙ୍କୁ ନିଯୁକ୍ତି ଦେଇଥିବା କହିଛନ୍ତି। ଅଦାର କ୍ରୟ ଓ ବିକ୍ରୟ ଜିଲା ପ୍ରଶାସନର ବିଫଳତାକୁ ପଦାରେ ପକାଇ ସଫଳତା ମିଳିବା ନେଇ କର୍ଣ୍ଣାଟକର ବେପାରୀ କରି ଦେଖାଉଥିବା ବୁଦ୍ଧିଜୀବୀ କହିଛନ୍ତି। ଏଥିରୁ ପ୍ରଶାସନ ନିଶ୍ଚିତ ଶିକ୍ଷା ଲାଭ କରିଥିବ ବୋଲି ପ୍ରକାଶ କରିଛନ୍ତି। ପ୍ରତି ପଞ୍ଚାୟତରେ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନର ମହିଳା ଗୋଷ୍ଠୀ, ସରକାରୀ କଳ, ଏକାଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବଳ ଥାଇ ବି ଏଭଳି ବଜାର ଖୋଜିବାରେ ବିଫଳ ପ୍ରଶାସନ ଏହି କର୍ଣ୍ଣାଟକ ବେପାରୀଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସ୍ଥାନୀୟ ଉତ୍ପାଦର କିଣାବିକା ପାଇଁ ବଜାର ଓ ରୋଜଗାର ସୃଷ୍ଟି କରିବେ କି ବୋଲି ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଓ ଉଦ୍ୟାନ ବିଭାଗ ଆମର ପ୍ରଚାରପ୍ରସାର ଯୋଗୁ ବାହାର ବେପାରୀ ଆକୃଷ୍ଟ ହୋଇ ବ୍ଲକ୍ ଅଞ୍ଚଳକୁ ଆସି କିଣାବିକା କରୁଥିବା କୁହାଯାଇଛି।

